Skill Development and Technical Education Department

Skilled in ODISHA

# ଜିଲ୍ଲା ସ୍ତରୀୟ ନିଯୁକ୍ତି ମେଳା - ୨୦୨୪-୨୦୨୫
# ଝାରସୁଗୁଡ଼ା

**ତାରିଖ:- ୨୦.୦୩.୨୦୨୫, ସମୟ- ସକାଳ ୧୦.୦୦ ଘଟିକା ରୁ ଦିବା ୩.୩୦ମି ପର୍ଯ୍ୟନ୍ତ**

**ସ୍ଥାନ:- ଝାରସୁଗୁଡ଼ା ଯାନ୍ତ୍ରିକ ବିଦ୍ୟାଳୟ, ଝାରସୁଗୁଡ଼ା**

ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ଓ ଜିଲ୍ଲା ପ୍ରଶାସନ, ଝାରସୁଗୁଡ଼ାଙ୍କ ମିଳିତ ଆନୁକୂଲ୍ୟରେ, ଝାରସୁଗୁଡ଼ା ଜିଲ୍ଲା ରେ ଏକ ଜିଲ୍ଲା ସ୍ତରୀୟ ନିଯୁକ୍ତି ମେଳା ଆସନ୍ତା ତା.୨୦.୦୩.୨୦୨୫ ରିଖ ସ୍ଥାନୀୟ ଝାରସୁଗୁଡ଼ା ଯାନ୍ତ୍ରିକ ବିଦ୍ୟାଳୟ, ପରିସର, ଝାରସୁଗୁଡ଼ା ଠାରେ ସକାଳ ୧୦.୦୦ ଘଟିକା ରୁ ଦିବା ୩.୩୦ମି ପର୍ଯ୍ୟନ୍ତ ଆୟୋଜିତ ହେବ । ଏହି ନିଯୁକ୍ତି ମେଳାରେ ବିଭିନ୍ନ ପ୍ରତିଷ୍ଠିତ ବେସରକାରୀ ସଂସ୍ଥାର ନିଯୁକ୍ତିଦାତା ମାନେ ଅଂଶ ଗ୍ରହଣ କରି ପ୍ରତ୍ୟକ୍ଷ ନିଯୁକ୍ତି ପ୍ରଦାନ କରିବେ । ଝାରସୁଗୁଡ଼ା ଜିଲ୍ଲାର ପ୍ରାର୍ଥୀ / ପ୍ରାର୍ଥିନୀ ମାନେ ସେମାନଙ୍କ ଶିକ୍ଷାଗତଯୋଗ୍ୟତା ଅନୁଯାୟୀ ଇଛା ମୁତାବକ ନିଯୁକ୍ତି ପ୍ରଦାନକରି ସଂସ୍ଥା ସହିତ ସାକ୍ଷାତକାର କରି ପ୍ରତ୍ୟକ୍ଷ ନିଯୁକ୍ତିର ସୁଯୋଗ ପାଇ ପାରିବେ । ଏହା ବ୍ୟତିତ ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣଙ୍କ ସହିତ ଅନୁବନ୍ଧିତ ଥିବା ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକାରିଣୀ ସଂସ୍ଥାର ଅଧିକାରୀ ମାନେ ମଧ୍ୟ ଏହି ନିଯୁକ୍ତି ମେଳାରେ ଅଂଶ ଗ୍ରହଣ କରି ନିଯୁକ୍ତି ଭିତ୍ତିକ ସ୍ୱଳ୍ପ ଅବଧିର ଦକ୍ଷତା ବିକାଶର ତାଲିମ ପ୍ରଦାନ କରିବେ । ଏହି ତାଲିମ ସମ୍ପୂର୍ଣ୍ଣ ମାଗଣା ଅଟେ ଏବଂ ତାଲିମ ସମୟର ପ୍ରଶିକ୍ଷଣ, ରହିବା ଏବଂ ଖାଦ୍ୟପେୟ ବାବଦର ସମସ୍ତ ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ । ଯେଉଁ ପ୍ରାର୍ଥୀ/ପ୍ରାର୍ଥିନୀ ବିଶ୍ୱ ଦକ୍ଷତା କେନ୍ଦ୍ର, ଭୁବନେଶ୍ୱର, ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ, ଝାରସୁଗୁଡ଼ା ଏବଂ ସରକାରୀ ବହୁମୁଖୀ ବୈଷୟିକ ଶିକ୍ଷାନୁଷ୍ଠାନ, ଝାରସୁଗୁଡ଼ା ଠାରେ ଉପଲବ୍ଧ ଥିବା ବିଭିନ୍ନ ଡିପ୍ଲୋମା ପାଠ୍ୟକ୍ରମରେ ଆଡ଼ମିଶନ ପାଇଁ ଇଚ୍ଛୁକ୍ ଥିବେ ସେମାନେ ମଧ୍ୟ ସୁଯୋଗ ପାଇପାରିବେ ।

ଝାରସୁଗୁଡ଼ା ଜିଲ୍ଲାର ନିଯୁକ୍ତି ଆଶାୟୀ ସମସ୍ତ ପ୍ରାର୍ଥୀ/ପ୍ରାର୍ଥିନୀ ମାନେ ଯେଉଁମାନଙ୍କ ବୟସ ସୀମା ୧୮ ବର୍ଷରୁ ୩୫ ବର୍ଷ ମଧ୍ୟରେ ହୋଇଥିବ ଏବଂ ଶିକ୍ଷାଗତ ଯୋଗ୍ୟତା ୮ମ ଶ୍ରେଣୀ ପାସ୍ ଠାରୁ ସ୍ନାତକ ପାସ୍ ଏବଂ ଆଇ.ଟି.ଆଇ ଓ ଡିପ୍ଲୋମା ପାସ୍ କରିଥିବେ ସେମାନେ ଏହି ନିଯୁକ୍ତି ମେଳାର ସୁଯୋଗ ନେବା ପାଇଁ ଅନୁରୋଧ କରାଯାଉଅଛି । ପ୍ରାର୍ଥୀ/ପ୍ରାର୍ଥୀନୀ ମାନେ ସେମାନଙ୍କ ସମସ୍ତ ଶିକ୍ଷାଗତ ଯୋଗ୍ୟତାର ପ୍ରମାଣ ପତ୍ର, ଆଧାର କାର୍ଡ ଏବଂ ଛଅଗୋଟି ପାସପୋର୍ଟ ଫଟୋ ସହିତ ଏହି ନିଯୁକ୍ତି ମେଳାରେ ଅଂଶ ଗ୍ରହଣ କରିବାକୁ ଅନୁରୋଧ କରାଯାଉଅଛି ।

ଜିଲ୍ଲା ଦକ୍ଷତା ବିକାଶ ତଥା ନିଯୋଜନ ଅଧିକାରୀ
ଝାରସୁଗୁଡ଼ା

ଜିଲ୍ଲାପାଳ, ଝାରସୁଗୁଡ଼ା